# Skoch Award to eDetection project of NIC for Transport Sector

THE SAKAL
Bhubaneswar - 13 Jul 202

# ଓଡ଼ିଶାର ଇ-ଚିହ୍ନଟ ବ୍ୟବସ୍ଥାକୁ ଜାତୀୟ ସ୍ୱୀକୃତି

**ଭୁବନେଶ୍ୱର,୧୨।୭(ସମିସ):** ବେଆଇନ୍ ଭାବେ ଚଳପ୍ରଚଳ କରୁଥିବା ଯାନବାହନକୁ ଧରିବା ପାଇଁ ଓଡ଼ିଶା ପରିବହନ ବିଭାଗ ଆରମ୍ଭ କରିଥିବା ଇ-ଡିଟେକ୍ସନ୍ ଅବା ଇ-ଚିହ୍ନଟ ବ୍ୟବସ୍ଥାକୁ ମିଳିଛି ଜାତୀୟ ସ୍ୱୀକୃତି। ଇ-ଡିଟେକ୍ସନ୍ ବ୍ୟବସ୍ଥା କାର୍ଯ୍ୟାନ୍ୱୟନରେ ଉତ୍କର୍ଷତା ପ୍ରତିପାଦନ ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)କୁ ସ୍କୋଚ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଏହି ବ୍ୟବସ୍ଥା ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେବା ସହିତ ରାସ୍ତାରେ ଆଇନ ସମ୍ମତ ଗାଡ଼ି ପରିଚାଳନାକୁ ସୁନିଶ୍ଚିତ କରୁଛି।

## ଧରାପଡ଼ିଲାଣି ୧୫ ହଜାରରୁ ଅଧିକ ଗାଡ଼ି

ରାଜ୍ୟରେ ଟ୍ରାଫିକ୍ ନିୟମ କଡ଼ାକଡ଼ି ହେଉଥିବା ବେଳେ ଉଲ୍ଲଙ୍ଘନକାରୀଙ୍କୁ ଧରିବା ପାଇଁ ଗୋଟିଏ ପରେ ଗୋଟିଏ ଅତ୍ୟାଧୁନିକ କୌଶଳ କାର୍ଯ୍ୟକ୍ଷମ କରାଯାଉଛି। ଏହି କ୍ରମରେ ପରିବହନ ବିଭାଗ ଇ-ଚିହ୍ନଟ (ଇ-ଡିଟେକ୍ସନ୍) ପୋର୍ଟାଲର ବିକଶିତ କରିବା ସହିତ ଚଳିତ ବର୍ଷ ଜାନୁଆରୀ ପହିଲାରୁ ଏହା କାର୍ଯ୍ୟକାରୀ କରାଯାଇଛି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଇ-ଚିହ୍ନଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଇ-ଚିହ୍ନଟ ପୋର୍ଟାଲକୁ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଥିବା ଟୋଲ୍ ଗେଟ୍ ସହିତ ସଂଯୋଗ କରାଯାଇଛି। ଏହି ବ୍ୟବସ୍ଥା ପାଇଁ




ପ୍ରସ୍ତୁତି ଆରମ୍ଭ କରିବା ପୂର୍ବରୁ ପରିବହନ ବିଭାଗ ଟୋଲ୍ ଗେଟ୍‌ରୁ ତଥ୍ୟ ସଂଗ୍ରହ କରିଥିଲା। ସେଥିରୁ ଜଣାପଡ଼ିଥିଲା ଯେ ଜାତୀୟ ରାଜପଥରେ ଦୈନିକ ବିନା ପ୍ରମାଣପତ୍ରରେ ବହୁ ସଂଖ୍ୟକ ଗାଡ଼ି ଯାତାୟାତ କରୁଛି। ସେହି ଯାନଗୁଡ଼ିକର ମୁଖ୍ୟତଃ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍, ଫିଟ୍‌ନେସ୍ ସାର୍ଟିଫିକେଟ୍, ପରମିଟ୍, ବୀମା, ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ। ସେହିପରି ଅନେକ ଗାଡ଼ି ମାଲିକଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିବା ଜଣାପଡ଼ିଥିଲା। ଏହା ମୋଟର ଯାନ ଆଇନ୍‌ର ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ଏପରି ଅବସ୍ଥାରେ ଇ-ଚିହ୍ନଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଜରୁରୀ ହୋଇପଡ଼ିଲା। ଇ-ଚିହ୍ନଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ୧୬ ହଜାରରୁ ଅଧିକ ଗାଡ଼ିକୁ ଚାଲାଣ ଜାରି କରାଗଲାଣି। ଟୋଲ୍ ଗେଟ୍ ଅତିକ୍ରମ କରିବା ମାତ୍ରେ ଗାଡ଼ିର ନମ୍ବର ପ୍ଲେଟ୍‌ରୁ ତାହାର ସବିଶେଷ ତଥ୍ୟ ମିଳିଯାଉଛି। ସେଣ୍ଟ୍ରାଲ ସର୍ଭରକୁ ଏହି ସୂଚନା ଆସିବା ସହିତ ଗାଡ଼ି ମାଲିକଙ୍କ ମୋବାଇଲ୍ ନମ୍ବରରେ ଚାଲାଣ ପହଞ୍ଚି ଯାଉଛି। ଏସ୍‌ଟିଏର ଯୁଗ୍ମ ପରିବହନ କମିଶନର ଦିପ୍ତୀ ରଞ୍ଜନ ପାତ୍ର କହିଛନ୍ତି, ବେଆଇନ ଭାବେ ଚଳାଚଳ କରୁଥିବା ଗାଡ଼ିକୁ ଚିହ୍ନଟ କରିବାରେ ଏହି ବ୍ୟବସ୍ଥା ବେଶ୍ ଉପାଦେୟ ହୋଇପାରୁଛି। ସଡ଼କ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କର ଏହା ବଡ଼ ପଦକ୍ଷେପ। ଏହି ବ୍ୟବସ୍ଥା କାର୍ଯ୍ୟାନ୍ୱୟନରେ ସଫଳତା ପାଇଁ ଆମକୁ ସ୍କୋଚ୍ ସିଲଭର୍ ଆୱାର୍ଡରେ ସମ୍ମାନିତ କରାଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି।